# ପ୍ରେସ ବିବୃତ୍ତି

**ବିଷୟ: ବିସ୍ରା ଥାନା କେସ୍ ନଂ-୧୬୩, ତାରିଖ ୨୭.୦୬.୨୦୨୬, ଧାରା-୩୨୬(ଫ)/୩୨୪(୫)/୧୦୯(୧) BNS।**

ତାରିଖ ୨୭.୦୬.୨୦୨୬ ଦିନ ସକାଳ ପ୍ରାୟ ୦୮.୦୫ ଘଣ୍ଟା ସମୟରେ ବିସ୍ରା ଥାନାର ଭାରପ୍ରାପ୍ତ ଅଧିକାରୀ (IIC) ଙ୍କୁ ସନ୍ତୋଷପୁର ଅନ୍ତର୍ଗତ ଜରାଟୋଲି ଗ୍ରାମରେ ଜଣେ ୨୭ ବର୍ଷୀୟା ମହିଳା ଗୁରୁତର ଅଗ୍ନିଦଗ୍ଧ ହୋଇଥିବା ସମ୍ପର୍କରେ ସୂଚନା ମିଳିଥିଲା। ସେତେବେଳକୁ ପରିବାର ସଦସ୍ୟମାନେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇ ସାରିଥିଲେ। ସୂଚନା ପାଇବା କ୍ଷଣି ବିସ୍ରା ଥାନାର IIC ଏବଂ ବୈଜ୍ଞାନିକ ଅଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପ୍ରାରମ୍ଭିକ ତଦନ୍ତ ଏବଂ ବୈଜ୍ଞାନିକ ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିଲା ଯେ ଘଟଣାଟି ଦୁର୍ଘଟଣାଜନିତ ନୁହେଁ, ବରଂ କୌଣସି ଅଜଣା ବ୍ୟକ୍ତିଙ୍କ ଦ୍ୱାରା ସଂଘଟିତ ଏକ ସୁଚିନ୍ତିତ ଅଗ୍ନିସଂଯୋଗ (Arson) ଘଟଣା।

ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ରାଉରକେଲା ପୋଲିସ ଜିଲ୍ଲାର ପୋଲିସ ଅଧୀକ୍ଷକ ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (Special Investigation Team) ଗଠନ କରି ଅଭିଯୁକ୍ତଙ୍କ ଶୀଘ୍ର ଚିହ୍ନଟ ଓ ଗିରଫ ପାଇଁ ନିର୍ଦ୍ଦିଷ୍ଟ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ବୈଜ୍ଞାନିକ ପ୍ରମାଣ, ବୈଷୟିକ ବିଶ୍ଳେଷଣ (Technical Analysis), ଗୁଇନ୍ଦା ସୂଚନା (Field Intelligence) ଏବଂ ନିରନ୍ତର ପଚରାଉଚରାକୁ ସମନ୍ୱୟ କରି ଯୁଦ୍ଧକାଳୀନ ଭିତ୍ତିରେ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଥିଲା।

ତଦନ୍ତକାରୀ ଦଳର ତ୍ୱରିତ, ସମନ୍ୱିତ ଓ ବୃତ୍ତିଗତ କାର୍ଯ୍ୟଦକ୍ଷତାର ପରିଣାମ ସ୍ୱରୂପ, ଘଟଣା ଘଟିବାର ଅତି କମ୍ ସମୟ ମଧ୍ୟରେ ଏହି ଅପରାଧରେ ସମ୍ପୃକ୍ତ ଅଭିଯୁକ୍ତ **ରଜତ କିରୋ**, ପିତା– ପ୍ରଦୀପ କିରୋ, ଗ୍ରାମ– କିଞ୍ଜିରକେଲା, ଜିଲ୍ଲା– ସୁନ୍ଦରଗଡ଼ଙ୍କୁ ଚିହ୍ନଟ କରାଯାଇ ଗିରଫ କରାଯାଇଛି। ଏହି ସଫଳତା ରାଉରକେଲା ପୋଲିସର ତତ୍ପରତା, ଦକ୍ଷତା ଏବଂ ଅପରାଧୀଙ୍କୁ ଶୀଘ୍ର ଆଇନର ସମ୍ମୁଖୀନ କରିବା ପ୍ରତି ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ।

ଘଟଣାର ତଦନ୍ତ ବର୍ତ୍ତମାନ ଜାରି ରହିଛି। ସମସ୍ତ ଆଇନଗତ ପ୍ରକ୍ରିୟା ଶୀଘ୍ର ସମ୍ପନ୍ନ କରାଯାଇ ଅତିଶୀଘ୍ର ଚାର୍ଜଶିଟ୍ ଦାଖଲ କରାଯିବ, ଯାହା ଦ୍ୱାରା ଅଭିଯୁକ୍ତଙ୍କ ବିରୋଧରେ ପ୍ରଭାବଶାଳୀ ଅଭିଯୋଗ ପରିଚାଳନା ସୁନିଶ୍ଚିତ ହେବ।

ରାଉରକେଲା ପୋଲିସ ଘୃଣ୍ୟ ଅପରାଧର ଶୀଘ୍ର ତଦନ୍ତ, ଅପରାଧୀଙ୍କ ତ୍ୱରିତ ଗିରଫ ଏବଂ ଆଇନ ଅନୁଯାୟୀ ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବା ପ୍ରତି ସଦା ପ୍ରତିବଦ୍ଧ।

***